L2/18-330

# Extending the ScriptExtensions property of Ardhavisarga for Oriya


Srinidhi A
srinidhi.pinkpetals24@gmail.com

Sridatta A
sridatta.jamadagni@gmail.com


November 18, 2018

Ardhavisarga ᳲ represents either Jihvamuliya, a velar fricative occurring only before the unvoiced velar stops ka and kha, or the Upadhmaniya, a bilabial fricative occurring only before the unvoiced labial stops pa and pha.


The usage of Ardhavisarga in the different scripts was discussed in section 2.5 of document L2/17-424[1]. This document provides the examples of the use of Ardhavisarga in Oriya (Odia) script.

The Ardhavisarga is used in the Sanskrit texts of Oriya script.

The attestations are from ବ୍ୟାକରଣଦର୍ପଣ *Vyākaraṇadarpaṇa,* a book on Sanskrit grammar published by Odisha State Bureau of Text Book Preparation and Production, Bhubaneshwar, Odisha.

**Action requested:** Update the Script Extensions to extend U+1CF2 VEDIC SIGN ARDHAVISARGA for Oriya.

[1] Changes to ScriptExtensions.txt for Indic characters for Unicode 11.0





## (ଗ) ଅଯୋଗବାହ

ଏହି ବର୍ଣ୍ଣମାନଙ୍କର ସ୍ୱରଧର୍ମ ଓ ବ୍ୟଞ୍ଜନଧର୍ମ ରହିଛି । ଯେଉଁ ବର୍ଣ୍ଣମାନେ ଅକାରାଦି ବର୍ଣ୍ଣସହ ସଂଯୁକ୍ତ ହୋଇ ନିଜର ଏକ ପୃଥକ୍ ସତ୍ତାକୁ ବହନ କରନ୍ତି ସେମାନଙ୍କୁ **ଅଯୋଗବାହ** କୁହାଯାଏ (*ଅକାରାଦିନା ବର୍ଣ୍ଣସମାମ୍ନାୟେ ତେ ସଂହିତାଃ ସନ୍ତଃ ଯେ ବହନ୍ତି ଆମ୍ନାଲାଭଂ ତେ ଅଯୋଗବାହାଃ - ଉବ୍‌ବଟ*) । ବିସର୍ଜନୀୟ-ଜିହ୍ୱାମୂଳୀୟୋପଧ୍ମାନୀୟାନୁସ୍ୱାର ନାସିକ୍ୟଯମାଃ ଅଯୋଗବାହାଃ । ଅବିଦ୍ୟମାନଃ ଯୋଗଃ ପ୍ରତ୍ୟାହାରେଷୁ ଯେଷାଂ ତେ ଅଯୋଗାଃ । ପ୍ରତ୍ୟାହାରସମ୍ବନ୍ଧଶୂନ୍ୟାଃ ଇତ୍ୟର୍ଥଃ । ବାହୟନ୍ତି ନିର୍ବାହୟନ୍ତି ଶବ୍ଦାଦିପ୍ରୟୋଗମ୍ ଇତି ବାହାଃ । ଅଯୋଗାଶ୍ଚ ତେ ବାହାଶ୍ଚ-ଅଯୋଗବାହାଃ, କର୍ମଧାରୟ । ଅଯୋଗବାହ; ଯଥା -

ଅନୁସ୍ୱାର - ଂ, କଂ

ଅନୁନାସିକ (ଚନ୍ଦ୍ରବିନ୍ଦୁ) - ँ , କଁ

ବିସର୍ଗ - ଃ, କଃ

ବିସୃଜତି ବିବିଧରୂପାଣି ଓକାରାଦୀନି ଇତି ବିସର୍ଗଃ ।

**ଜିହ୍ୱାମୂଳୀୟ** - × କ,×ଖ, କ ଓ ଖ ପୂର୍ବରୁ ଥିବା ଅର୍ଦ୍ଧବିସର୍ଗ ସଦୃଶ ବର୍ଣ୍ଣ ।

**ଉପଧ୍ମାନୀୟ** - ×ପ,×ଫ, ପ ଓ ଫ ପୂର୍ବରୁ ଥିବା ଅର୍ଦ୍ଧବିସର୍ଗ ସଦୃଶ ବର୍ଣ୍ଣ ।

**ଯମ** - ଯମ ଶବ୍ଦର ଅର୍ଥ ଯାଆଁଳା । ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥବର୍ଣ୍ଣ ପରେ ପଞ୍ଚମ ବର୍ଣ୍ଣ ରହିଲେ ମଝିରେ ପୂର୍ବସଦୃଶ ବର୍ଣ୍ଣର ଆବିର୍ଭାବ ଘଟେ, ଯାହାକୁ **ଯମବର୍ଣ୍ଣ** କୁହାଯାଏ; ଯଥା- କ୍‌କ୍‌ନ, ଖ୍‌ଖ୍‌ନ, ଗ୍‌ଗ୍‌ନ, ଘ୍‌ଘ୍‌ନ ।

ସାଧାରଣ ଭାବେ ସ୍ୱରବର୍ଣ୍ଣ -୧୩ । ବ୍ୟଞ୍ଜନବର୍ଣ୍ଣ - କ ଠାରୁ ହ ପର୍ଯ୍ୟନ୍ତ ୩୩ + ଂ, ଃ, ँ = ୩୬ । ଏହିପରି ୪୯ଟି ବର୍ଣ୍ଣ ସାଧାରଣ ଭାବେ ସ୍ୱୀକୃତ । ଜିହ୍ୱାମୂଳୀୟ, ଉପଧ୍ମାନୀୟ ଓ ଯମ ବର୍ଣ୍ଣର ବିଶେଷ ପ୍ରଚଳନ ନାହିଁ ।

Figure 1.

୨୦ ବ୍ୟାକରଣଦର୍ପଣ

| ସ୍ଥାନ | ସ୍ୱର | ବର୍ଗୀୟବ୍ୟଞ୍ଜନ | ଅବର୍ଗୀୟବ୍ୟଞ୍ଜନ | | ବର୍ଣ୍ଣମାଳାରନାମ |
|---|---|---|---|---|---|
| | | | ଅନ୍ତଃସ୍ଥ | ଉଷ୍ମ | |
| କଣ୍ଠ | ଅ,ଆ | କ୍ଖ୍ଗ୍ଘ୍ଙ୍ | | ହ୍, ଃ | କଣ୍ଠ୍ୟ |
| ତାଳୁ | ଇ,ଈ | ଚ୍ଛ୍ଜ୍ଝ୍ଞ୍ | ଯ୍/ୟ୍ | ଶ୍ | ତାଲବ୍ୟ |
| ମୂର୍ଦ୍ଧା | ଋ,ୠ | ଟ୍ଠ୍ଡ୍ଢ୍ଣ୍ | ର୍/ଳ୍ | ଷ୍ | ମୂର୍ଦ୍ଧନ୍ୟ |
| ଦନ୍ତ | ଌ | ତ୍ଥ୍ଦ୍ଧ୍ନ୍ | ଲ୍ | ସ୍ | ଦନ୍ତ୍ୟ |
| ଓଷ୍ଠ | ଉ,ଊ | ପ୍ଫ୍ବ୍ଭ୍ମ୍ | - | ×ପ, ×ଫ | ଓଷ୍ଠ୍ୟ |
| କଣ୍ଠ-ତାଳୁ | ଏଐ | - | - | - | କଣ୍ଠତାଲବ୍ୟ |
| କଣ୍ଠ-ଓଷ୍ଠ | ଓଔ | - | - | - | କଣ୍ଠୋଷ୍ଠ୍ୟ |
| ଦନ୍ତ-ଓଷ୍ଠ | | - | ବ(ୱ) | - | ଦନ୍ତୋଷ୍ଠ୍ୟ |
| ନାସିକା | - | ଙ୍ଞ୍ଣ୍ନ୍ମ୍ | - | ଅନୁସ୍ୱାର | ନାସିକ୍ୟ |
| ଜିହ୍ୱାମୂଳ | - | - | - | ×କ,×ଖ | ଜିହ୍ୱାମୂଳୀୟ |

Figure 2.

**ବାହ୍ୟ ପ୍ରଯତ୍ନ**

- ବିବାର — କ୍ ଚ୍,ଟ୍,ତ୍,ପ୍ — ବର୍ଗର ପ୍ରଥମ ବର୍ଣ୍ଣ
- ଶ୍ୱାସ — ଖ୍,ଛ୍,ଠ,ଥ୍,ଫ୍ — ଦ୍ୱିତୀୟ ବର୍ଣ୍ଣ
- ଅଘୋଷ — ଶ୍,ଷ୍,ସ୍, ଃ (ବିସର୍ଗ)
- ×କ, ×ପ

- ସଂବାର — ହ୍,ଯ୍,ବ୍,ର୍,ଲ୍
- ନାଦ — ଞ୍,ମ୍,ଙ୍,ଣ୍,ନ୍
- ଝ୍,ଭ୍,ଘ୍,ଢ୍,ଧ୍
- ଘୋଷ — ଜ୍,ବ୍,ଗ୍,ଡ୍,ଦ୍
- ଂ (ଅନୁସ୍ୱାର)

Figure 3.

୨. ରଜାତ - ପ୍ରାତର୍ = ପ୍ରାତଃ, ପୁନର୍ = ପୁନଃ ପ୍ରଭୃତି ବିଭିନ୍ନ ସ୍ୱର ବା ବ୍ୟଞ୍ଜନର ସଂଯୋଗଦ୍ୱାରା ବିସର୍ଗର ପରିବର୍ତ୍ତନ ଶ୍, ଷ୍, ସ୍, ର୍, ଉ ଅଥବା ଯ୍ ଲୋପ ଦ୍ୱାରା ହୋଇଥାଏ । କେତେକ ସ୍ଥଳରେ ବିସର୍ଗ ନିଜେ ଅପରିବର୍ତ୍ତିତ ରହେ ।

## କ) ବିସର୍ଗର 'ସ'ରୂପ

ବିସର୍ଗ ପରେ ଖର୍ (ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଏବଂ ଶ,ଷ,ସ) ବର୍ଣ୍ଣ ରହିଲେ ବିସର୍ଗ 'ସ୍' ହୋଇଯାଏ । (*ବିସର୍ଜନୀୟସ୍ୟ ସଃ - ପା. ୮.୩.୩୪ । ଖରି ବିସର୍ଜନୀୟସ୍ୟ ସଃ ସ୍ୟାତ୍*)। ପରପଦର ଆଦିବର୍ଣ୍ଣ ତ୍, ଥ୍, ସ୍ ହୋଇଥିଲେ ବିସର୍ଗ ନିତ୍ୟ 'ସ୍' ହୁଏ; ଚ, ଛ,ଶ ହୋଇଥିଲେ ସେହି 'ସ୍' ସ୍ଥାନରେ 'ଶ୍' ଏବଂ ଟ୍, ଠ୍, ଷ ହୋଇଥିଲେ 'ସ୍' ସ୍ଥାନରେ 'ଷ୍' ହୁଏ । କ୍, ଖ୍, ପ୍, ଫ୍ ଥିଲେ ବିସର୍ଗ ରହେ । ଯଥା -

କଃ + କରୋତି = କଃ କରୋତି / କ × କରୋତି ।

ବିଷ୍ଣୁଃ +ତ୍ରାତା = ବିଷ୍ଣୁସ୍ତ୍ରାତା । ହରିଃ + ଚିନୋତି = ହରିଶ୍ଚିନୋତି ।

ଧନୁସ୍ + ଟଙ୍କାରଃ = ଧନୁଷ୍ଟଙ୍କାରଃ ।

**ଅପବାଦ**

୧. ପୂର୍ବପଦର ଅନ୍ତରେ ଥିବା ବିସର୍ଗ ପରେ ଖର୍ ପ୍ରତ୍ୟାହାରର ବର୍ଣ୍ଣ ଥିଲେ ଓ ସେହି ବର୍ଣ୍ଣ ସହ ସଂଯୁକ୍ତ ହୋଇ ଶ୍, ଷ୍, ସ୍ ଥିଲେ ବିସର୍ଗ ସ୍ଥାନରେ ସ୍ ହୁଏ ନାହିଁ । ଯଥା -

କଃ + ସ୍ତୁରୁଃ = କଃ ସ୍ତୁରୁଃ ।

୨. ବିସର୍ଗ ପରେ ପାଶ, କଳ୍ପ, କ, କାମ୍ୟ ଶବ୍ଦ ଥିଲେ ବିସର୍ଗର 'ସ୍' ହୁଏ । ଯଥା -

ପୟଃ + ପାଶମ୍ = ପୟସ୍ପାଶମ୍ । ଯଶଃ +କଳ୍ପମ୍ = ଯଶସ୍କଳ୍ପମ୍ ।

Figure 4.

ନରାଃ + ହସନ୍ତି = ନରା ହସନ୍ତି ।

ଲଳନାଃ + ଲଜ୍ଜନ୍ତେ = ଲଳନା ଲଜ୍ଜନ୍ତେ ।

ଅଶ୍ୱାଃ + ଧାବନ୍ତି = ଅଶ୍ୱା ଧାବନ୍ତି ।

ସଜ୍ଜନାଃ + ବଦନ୍ତି = ସଜ୍ଜନା ବଦନ୍ତି ।

**(ଛ) 'ନ୍' ର 'ର୍' ରୂପ**

ପରପଦର ଆଦିରେ ସୁପ୍ ନଥିଲେ ଅହନ୍ ଶବ୍ଦର 'ନ୍' ର 'ର୍' ହୋଇଯାଏ । ***(ରୋଃସୁପି -ପା. ୮.୨.୬୯ / ଅହ୍ନୋ ରେଫାଦେଶଃ ସ୍ୟାନ୍ନ ତୁ ସୁପି ) /*** ଉଦାହରଣ -

ଅହନ୍ + ଅହଃ = ଅହରହଃ । ଅହନ୍ + ଗଣଃ = ଅହର୍ଗଣଃ ।

ଅହନ୍ + ଭାତି = ଅହର୍ଭାତି । କିନ୍ତୁ ପର ପଦରେ ସୁପ୍ ଥିଲେ,

ଅହନ୍ + ସୁ = ଅହଃସୁ । ଅହନ୍ + ଭ୍ୟାମ୍ = ଅହୋଭ୍ୟାମ୍ ଏପରି ହେବ ।

**ଅପବାଦ**

**୧.** ଅହର୍, ଗୀର୍, ଧୂର୍ ପ୍ରଭୃତି ଶବ୍ଦ ପରେ ପତି ପ୍ରଭୃତି ଶବ୍ଦ ଥିଲେ ଅହର୍ ପ୍ରଭୃତି ଶବ୍ଦର 'ର୍' ର ବିକଳ୍ପରେ 'ର୍' ହୁଏ । 'ର୍'ର ଅଭାବରେ ବିସର୍ଗର ବା ଉପଧ୍ମାନୀୟର ପ୍ରୟୋଗ କରାଯାଏ । (ଅହରାଦୀନାଂ ପତ୍ୟାଦିଷୁ ବା ରେଫଃ) । ଯଥା -

ଅହର୍ + ପତିଃ = ଅହର୍ପତିଃ / ଅହଃପତିଃ / ଅହ ⨯ପତିଃ ।

ଗୀର୍ + ପତିଃ = ଗୀର୍ପତିଃ / ଗୀଃପତିଃ / ଗୀ ⨯ ପତିଃ ।

ଧୂର୍ + ପତିଃ = ଧୂର୍ପତିଃ / ଧୂଃପତିଃ / ଧୂ ⨯ ପତିଃ ।

**୨.** ରୂପ, ରାତ୍ରି, ରଥନ୍ତର ଶବ୍ଦ ଯଦି ପରପଦରେ ରହେ ତେବେ ଅହନ୍ ଶବ୍ଦର 'ନ୍'ର 'ରୁ' ହୁଏ । 'ରୁ' ର 'ଉ' ଏବଂ 'ଉ' ର 'ଓ' ହୁଏ । (ରୂପରାତ୍ରି ରଥନ୍ତରେଷୁ ରୁତ୍ୱଂ ବାଚ୍ୟମ୍) । ଯଥା -

Figure 5.